## ସଂକ୍ଷେପରେ

### ଗଛରେ ଚଢ଼ି ଡାଳ କାଟିବାବେଳେ ଚାଲିଗଲା ଜୀବନ

ଡାବୁଗାଁ, ୨୬।୩ (ଡି.ଏନ୍.ଏ.)- ଡାଳ କାଟିବାକୁ ଗଛରେ ଚଢ଼ିଥିବା ଜଣେ ଶ୍ରମିକଙ୍କ ଶନିବାର ମୃତ୍ୟୁ ହୋଇଛି। ମୃତକ ହେଲେ ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ନନ୍ଦପୁରା ପଞ୍ଚାୟତ ଭୀମାଗୁଡା ଗ୍ରାମର ସନାଧର ଭତ୍ରା। ସୂଚନାନୁଯାୟୀ, ଭୀମା ନନ୍ଦପୁରା ପଞ୍ଚାୟତ ପୂର୍ବତନ ସରପଞ୍ଚ ପୁଝାରିଙ୍କ ଘର ପାଖରେ ଥିବା ତେନ୍ତୁଳି ଡାଳ କାଟିବା ପାଇଁ ଗଛରେ ଚଢ଼ିଥିଲେ। ଏହି ସମୟରେ ଏକ ଡାଳ ତାଙ୍କ ମୁଣ୍ଡ ଉପରେ ପଡିଥିଲା। ଘଟଣାସ୍ଥଳରେ ଭୀମାଙ୍କ ମୃତ୍ୟୁ ହୋଇଯାଇଛି। ଖବରପାଇ ପୋଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଗଛ ତଳକୁ ଓହ୍ଲାଇ ଥିଲେ। ସିଂସାରୀ ଫାଣ୍ଡି ଅଧିକାରୀ କୁବେର ଦିଗାଲ୍ ବ୍ୟବଚ୍ଛେଦ କରାଇ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଡାବୁଗାଁ ଥାନାରେ ୮/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ଜିଲା ଯୁବ ବିଜେଡି ସମ୍ପାଦକ ଦଳରୁ ବହିଷ୍କୃତ



ରାୟଗଡ଼ା ଅଫିସ,୨୬।୩- ରାୟଗଡ଼ା ଜିଲା ଯୁବ ବିଜେଡି ସମ୍ପାଦକ ପି. ସାଇପ୍ରସାଦଙ୍କୁ ଶନିବାର ଦଳରୁ ବହିଷ୍କାର କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ବହିଷ୍କାର କରାଯାଇଥିବା ଯୁବ ବିଜେଡି ଜିଲା ସଭାପତି ଦେବାଶିଷ ଖାଡ଼ଙ୍ଗା ସୂଚନା ଦେଇଛନ୍ତି।

# ନିଆଁ ଦାଉରୁ ରକ୍ଷା ପାଇଲା ସଂରକ୍ଷିତ ଜଙ୍ଗଲ

ମୁନିଗୁଡ଼ା,୨୬।୩(ଡି.ଏନ୍.ଏ.)–

ରାୟଗଡ଼ା ଜିଲା ମୁନିଗୁଡ଼ା ବନାଞ୍ଚଳ ଓ ବନଖଣ୍ଡ ଅଧୀନ ପାତ୍ରଗୁଡ଼ା ଗାଁ ନିକଟ ସଂରକ୍ଷିତ ଶାଗୁଆନ ଜଙ୍ଗଲରେ ଶନିବାର ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଯୁବଗୋଷ୍ଠୀ ଏବଂ ବନ ବିଭାଗର ମିଳିତ ପ୍ରୟାସରେ ବନାଗ୍ନିକୁ ଆୟତ୍ତ କରାଯାଇ ପାରିଛି।

ପାତ୍ରଗୁଡ଼ା ଗାଁ ନିକଟ ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଥିବା ସ୍ଥାନୀୟ ସାମାଜିକ କର୍ମୀ କ୍ଷମାସାଗର ଦାସ ପ୍ରଥମେ ଦେଖିଥିଲେ। ତୁରନ୍ତ ଗାଁର ଯୁବକମାନଙ୍କ ସହାୟତାରେ ନିଆଁ ଲିଭାଇବାକୁ ଉଦ୍ୟମ କରିବା ସହ ବନ ବିଭାଗକୁ ଜଣାଇଥିଲେ। ମୁନିଗୁଡ଼ା ବନପାଳ ପ୍ରମୋଦିନୀ ମାଣ୍ଡାଙ୍ଗୀ ସଦଳବଳ ପହଞ୍ଚି ଗ୍ରାମବାସୀଙ୍କ ସହ ମିଶି ନିଆଁ ଲିଭାଇବାରେ ସଫଳ ହୋଇଛନ୍ତି। ଫଳରେ ଜଙ୍ଗଲରେ ଲାଗିଥିବା ଶାଗୁଆନ ଗଛଗୁଡ଼ିକୁ ନିଆଁରୁ ସୁରକ୍ଷିତ ରଖାଯାଇ ପାରିଛି। ଜଙ୍ଗଲ ସୁରକ୍ଷା ଦିଗରେ ସହଯୋଗ କରିଥିବାରୁ ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଗୌରାଙ୍ଗ ଚରଣ ରାଉତ, ମୁନିଗୁଡ଼ା ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ମିଶ୍ର ପ୍ରମୁଖ ସାମାଜିକ କର୍ମୀ ଏବଂ ଯୁବଗୋଷ୍ଠୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।



ପାତ୍ରଗୁଡ଼ା ଗାଁ ନିକଟ ସଂରକ୍ଷିତ ଜଙ୍ଗଲରେ ଲାଗିଥିବା ନିଆଁ।

**ଯୁବଗୋଷ୍ଠୀ, ବନ ବିଭାଗର ତ୍ୱରିତ ପଦକ୍ଷେପ ପ୍ରଶଂସନୀୟ**

# ନାଚଗୀତ, କ୍ୟାମ୍ପ ଫାୟାରରେ ସରିଲା ସ୍କାଉଟ୍ସ, ଗାଇଡ୍ସ କ୍ୟାମ୍ବୋରି

ପାପଡ଼ାହାଣ୍ଡି,୨୬।୩(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଦଳେଇଗୁଡ଼ାସ୍ଥିତ ଲାଲବାହାଦୁର ହାଇସ୍କୁଲରେ ଚାଲିଥିବା ଜିଲାର ପ୍ରଥମ ଭାରତ ସ୍କାଉଟ୍ସ ଓ ଗାଇଡ୍ସ କ୍ୟାମ୍ବୋରି କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିନରେ ଛାତ୍ରୀଛାତ୍ରଙ୍କୁ ନେଇ ପାଇଜାଣ୍ଟ ଶୋ, ନୋଟିଂ କମ୍ପିଟିସନ, ଇମ୍ପ୍ରୁଭାଇଜ ସେଲ୍‌ଟର, ଷ୍ଟ୍ରେଚର, ଇନ୍ସପେକ୍ସନ ଓ ଗ୍ରାଣ୍ଡ କ୍ୟାମ୍ପ ଫାୟାର ଆଦି କାର୍ଯ୍ୟକ୍ରମ କରାଯାଇଛି। ଛାତ୍ରୀଛାତ୍ରମାନେ ଦଳେଇଗୁଡ଼ା ଗ୍ରାମରେ ଶାନ୍ତି ପଦଯାତ୍ରାରେ ଯାଇଥିଲେ। ଏଥିସହ ସେବାଶ୍ରମ ବିଦ୍ୟାଳୟକୁ ପରିଷ୍କାର କରିଥିଲେ। ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ଡିଏସ୍‌ଓ ମହେନ୍ଦ୍ର କୁମାର ସାହୁ, ବିଡିଓ ରଞ୍ଜିତା ମଲିକ, ଡିଇଓ ପ୍ରଦୀପ ନାଗ, ଏଡିଇଓ ରେଶମଲାଲ ନାୟକ, ଆଇପି ବିଭାସ ଦେଙ୍କ ସହ ବିଭିନ୍ନ ବ୍ଲକର ବିଇଓ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ମଞ୍ଚାସୀନ ଅତିଥିଙ୍କୁ ଡିଇଓ ସମ୍ମାନିତ କରିଥିଲେ। ଶେଷରେ ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଖେଳ ଶିକ୍ଷକ କାଳୀକିଙ୍କର ପଟ୍ଟନାୟକ, ମନୋରଞ୍ଜନ ପ୍ରହରାଜ, ଗୁରୁଚରଣ ପ୍ରଧାନ, ସତ୍ୟବ୍ରତ ପଣ୍ଡା, ଅଜିତ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ। ପ୍ରକାଶ ଥାଉ କି ନବରଙ୍ଗପୁର ଜିଲା ଗଠନ ହେବା ପରେ ପ୍ରଥମଥର ଭାରତ ସ୍କାଉଟ୍ସ ଓ ଗାଇଡ୍ସ କ୍ୟାମ୍ବୋରି ଏଠାରେ ଆୟୋଜିତ ହୋଇଛି।



କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।



ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ।

**ନବରଙ୍ଗପୁର ଜିଲାରେ ପ୍ରଥମ**

## ବ୍ରହ୍ମାନନ୍ଦ ସଭାପତି, ଜଗଦୀଶ ସମ୍ପାଦକ
## ଗୁଣପୁର ଓକିଲ ସଂଘ ନିର୍ବାଚନ

ଗୁଣପୁର,୨୬।୩(ଡି.ଏନ୍.ଏ)

ଗୁଣପୁର ଓକିଲ ସଂଘର ସଭାପତି ଏବଂ ସମ୍ପାଦକ ପଦ ପାଇଁ ଶନିବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ବ୍ରହ୍ମାନନ୍ଦ ପଟ୍ଟନାୟକ ଏବଂ ସମ୍ପାଦକ ରୂପେ ଜଗଦୀଶ ଗମାଙ୍ଗ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ଜଣେ ଲେଖାଏ ପ୍ରାର୍ଥୀପତ୍ର ଦାଖଲ କରିଥିବାରୁ ଉପ ସଭାପତି ଭାବେ ସରୋଜ କୁମାର ପାଣିଗ୍ରାହି, ଯୁଗ୍ମ ସମ୍ପାଦକ ଭାଗିରଥି ବାଙ୍ଗାରି ଏବଂ କୋଷାଧ୍ୟକ୍ଷଭାବେ ରାଜକିଶୋର ଦାସ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀଭାବେ ଆଇନଜୀବୀ ବିଶ୍ୱନାଥ ସାହୁକାର ନିର୍ବାଚନ ପରିଚାଳନା କରିଥିଲେ।



ବ୍ରହ୍ମାନନ୍ଦ ଓ ଜଗଦୀଶ

# ସରିଲା ଓକିଲ ସଂଘ ନିର୍ବାଚନ

ନବରଙ୍ଗପୁର/ଉମରକୋଟ, ୨୬।୩(ବି.ପ୍ର./ସ୍ୱ.ପ୍ର.)

ନବରଙ୍ଗପୁର ଆଇନଜୀବୀ ସଙ୍ଘ ନିର୍ବାଚନରେ ସଭାପତିଭାବେ ନରସିଂହ ନାଥ ତ୍ରିପାଠୀ ଓ କୋଷାଧ୍ୟକ୍ଷଭାବେ ବାଲାଜୀ ପ୍ରସାଦ ମିଶ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିଭଳି ସମ୍ପାଦକଭାବେ ରାମ ପ୍ରସାଦ ପାତ୍ର ଓ ଯୁଗ୍ମ ସମ୍ପାଦକଭାବେ ଅନୀଲ ଦୀନବନ୍ଧୁ ନିବାଚିତ ହୋଇଛନ୍ତି। ୧୬୮ ଜଣ ଆଇନଜୀବୀ ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ। ଉପସଭାପତିଭାବେ ବିଧୁ ଶେଖର ତ୍ରିପାଠୀ, ଯୁଗ୍ମ ସମ୍ପାଦକ ପଦବୀରେ ଅନୀଲ ଦୀନବନ୍ଧୁ ସମ୍ପାଦକଭାବେ ରାମ ପ୍ରସାଦ ପାତ୍ର ବିଜୟୀ ହୋଇଛନ୍ତି। ନିର୍ବାଚନକୁ ବରିଷ୍ଠ ଆଇନଜୀବୀ ସି. ଏଚ୍. ବାବା ଯୁଗନ୍ଧର, ସହକାରୀ ନିର୍ବାଚନ ଅଧିକାରୀ ରୂପେ ଆଇନଜୀବୀ କିଶୋର ପଟ୍ଟନାୟକ ଏବଂ କେ. ଚନ୍ଦ୍ର ଶେଖର ରାଓ ପରିଚାଳନା କରିଥିଲେ। ଉମରକୋଟ ଓକିଲ ସଂଘ ନିର୍ବାଚନ ଶନିବାର ଶେଷ ହୋଇଛି। ସଂଘର ଉପସଭାପତି ପଦବୀ ନିମନ୍ତେ ବରିଷ୍ଠ ସଭ୍ୟ ହରିହର ଶତପଥୀ ଏବଂ ଯୋଗେନ୍ଦ୍ର ମାଝିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସଂଘର ମୋଟ ୭୩ ଜଣ ସଭ୍ୟ ମତ ସାବ୍ୟସ୍ତ କରିଥିଲେ। ହରିହର ଶତପଥୀ ୪୧ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ଯୋଗେନ୍ଦ୍ର ମାଝିଙ୍କୁ ୩୨ ଖଣ୍ଡ ଭୋଟ ମିଳିଛି। ଏଥି ପୂର୍ବରୁ ପ୍ରଶାନ୍ତ ସାହୁ ସଂଘ ସଭାପତି, ଶାନ୍ତନୁ ବାହିନୀପତି ସାଧାରଣ ସମ୍ପାଦକ, ପ୍ରଦ୍ୟୁମ୍ନ ପାଢ଼ୀ ସହସମ୍ପାଦକ ଏବଂ କୋଷାଧ୍ୟକ୍ଷଭାବେ ଜିତେନ୍ଦ୍ର ମହାନ୍ତି ନିର୍ଦ୍ୱନ୍ଦ୍ୱରେ ଜିତିଛନ୍ତି। ସଂଘର ବରିଷ୍ଠ ସରକାରୀ ଓକିଲ ଶ୍ରୀନିବାସ ପଟ୍ଟନାୟକ ନିର୍ବାଚନ ଅଧିକାରୀଭାବେ ଦାୟିତ୍ୱ ତୁଲାଇଥିଲେ। ନିର୍ବାଚନ ପରିଚାଳନାରେ ଓକିଲ ସନ୍ତୋଷ ସାହୁ, ସରକାରୀ ଓକିଲ ମନୋହର ମହାନ୍ତି ସହଯୋଗ କରିଥିଲେ।



ଉମରକୋଟରେ ନିର୍ବାଚନ ଅଧିକାରୀଙ୍କ ସହ ଉପସଭାପତି ପ୍ରାର୍ଥୀମାନେ ।

# ନୃସିଂହ ମହାନ୍ତି ସମ୍ପାଦକ, ରାଜେଶ ପଟ୍ଟନାୟକ ସହ ସମ୍ପାଦକ

ମାଲକାନଗିରି,୨୬।୩ (ଡିଏନଏ):

ମାଲକାନଗିରି ଜିଲା ବାର୍ ଆସୋସିଏଶନ ସମ୍ପାଦକ ଭାବେ ନୃସିଂହ ଚରଣ ମହାନ୍ତି ଓ ସହ ସମ୍ପାଦକ ଭାବେ ରାଜେଶ ପଟ୍ଟନାୟକ ଶନିବାର ନିର୍ବାଚିତ ହୋଇଛନ୍ତି। ମହାନ୍ତିଙ୍କୁ ୬୪ଟି ଭୋଟ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଲମ୍ବୋଦର ତୁରୁକୁଙ୍କୁ ୩୬ଟି ଭୋଟ ମିଳିଥିଲା। ଫଳରେ ନୃସିଂହ ମହାନ୍ତି ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଲମ୍ବୋଦର ତୁରୁକୁଙ୍କଠାରୁ ୨୮ ଭୋଟ ଅଧିକ ପାଇ ବିଜୟୀ ହୋଇଛନ୍ତି। ସେହିପରି ରାଜେଶ ପଟ୍ଟନାୟକଙ୍କୁ ୭୩ଟି ଭୋଟ ମିଳି ଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଧୀରଜ ପାଣିଗ୍ରାହୀଙ୍କୁ ୩୬ଟି ଭୋଟ ମିଳିଛି। ଫଳରେ ପଟ୍ଟନାୟକ ପାଣିଗ୍ରାହୀଙ୍କଠାରୁ ୪୭ ଟି ଭୋଟ୍ ଅଧିକ ପାଇ ସହ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ପ୍ରକାଶ ମହାନ୍ତି ବାର୍ ଆସୋସିଏଶନ ସମ୍ପାଦକ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ କୋଷାଧ୍ୟକ୍ଷ ଭାବେ ବିଭୁତି ଭୂଷଣ ବେହେରା ମଧ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

**ମାଲକାନଗିରି ଜିଲା ବାର୍ ଆସୋସିଏସନ ନିର୍ବାଚନ**

# ବାଲି ମାଫିଆ ଗିରଫ

କୋଡିଙ୍ଗା,୨୬।୩(ଡି.ଏନ୍.ଏ.)

କୋଡିଙ୍ଗା ତହସିଲ ଅଞ୍ଚଳରେ ବାଲି ଚୋରା ଚାଲାଣକୁ ନେଇ ବାଲି ମାଫିଆ ଓ ଆର୍‌ଆଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଆର୍‌ଆଇଙ୍କ ଅଭିଯୋଗକ୍ରମେ ବାଲିମାଫିଆଙ୍କୁ ଗିରଫ ଓ କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ କୋଟପାଡ ଥାନା ଚାନ୍ଦିଲି ଗ୍ରାମର ଶଙ୍କର ଗୁପ୍ତା(୪୦)। ୨୪ତାରିଖ ରାତିରେ ଘାଟଗୁଡା ବାଲି ସୌରାତରୁ ଶଙ୍କର ବେଆଇନ ଭାବେ ଟିପ୍ପରରେ ବାଲି ଚାଲାଣ କରୁଥିଲେ। ଏହି ସମୟରେ କୋଟାଗାଁ ରାଜସ୍ୱ ନିରିକ୍ଷକ ଡି. ବାଲାରାଜୁ ଦୋରା ଟିପ୍ପରକୁ ଅଟକାଇଥିଲେ। ଗାଡିର କାଗଜପତ୍ର ନ ଥିବାବେଳେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଆର୍‌ଆଇ କୋଡିଙ୍ଗା ତହସିଲଦାର ଶିବ ପ୍ରସାଦ ପଟ୍ଟନାୟକଙ୍କୁ ଜଣାଇଥିଲେ। ତହସିଲଦାର କୋଡିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ୩୦/୨୨ରେ ମାମଲା ରୁଜୁ ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି ଏସ୍‌ଆଇ ବିକ୍ରମ କୁମାର ସାହୁ ସୂଚନା ଦେଇଛନ୍ତି।

## ବ୍ଲକସ୍ତରୀୟ ଦକ୍ଷତା ବୃଦ୍ଧି ତାଲିମ ଶିବିର

ଝରିଗାଁ, ୨୬।୩(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଆତ୍ମା କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଗୋପାଳନ ଦକ୍ଷତା ବୃଦ୍ଧି ନେଇ ଚାଷୀଙ୍କୁ ତାଲିମ ଦିଆଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି, ଡିଡି ଭିଏଚ୍ ଡାକ୍ତର ରାଧେଶ୍ୟାମ ଲାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଗ୍ରାମାଞ୍ଚଳରେ ଚାଷୀମାନେ ଉନ୍ନତମାନର ଗୋପାଳନ କରିବା ସହ ସେମାନଙ୍କ ଆର୍ଥିକସ୍ଥିତି ମଜଭୁତ ହେବ ସେ ସମ୍ପର୍କରେ ଅତିଥିମାନେ ଚାଷୀମାନଙ୍କୁ ବୁଝାଇଥିଲେ। ଝରିଗାଁ ବିଭିଓ ଡାକ୍ତର ବିଶ୍ୱଜିତ ସ୍ୱାଇଁ, ଧୋଡ୍ରା ଭିଏସ୍ ଡାକ୍ତର ରଶ୍ମିକାନ୍ତ ପାଲଟାସିଂ, ବାଏଫ୍ ଜିଲା ସଂଯୋଜକ ତାପସ କୁମାର ସାହୁ ପ୍ରମୁଖ ଉପସ୍ଥିତ ୨୦ ଚାଷୀଙ୍କୁ ଗୋପାଳନ ସମ୍ପର୍କରେ ବୁଝାଇଥିଲେ। ତାଲିମ ଶିବିରଟିକୁ ସ୍ଥାନୀୟ ଏଭିଏସ୍ ଡାକ୍ତର ଶାରଦା ନାୟକ ପରିଚାଳନା କରିଥିଲେ।

## ଯୁବକଙ୍କ ଆତ୍ମହତ୍ୟା

ବୁଗୁଡ଼ା,୨୬।୩(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ଗୌଡ଼ିଆବୋରଦା ପଞ୍ଚାୟତ ଅନ୍ତର୍ଗତ କୁଞ୍ଜବନ ଗ୍ରାମର ଜୈନିକ ଯୁବକ ମହେଶ୍ୱର ସ୍ୱାଇଁ ବିଷପାନ କରି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଶନିବାର ଅପରାହ୍ନରେ ମହେଶ୍ୱର ଚାଉଳରୁ ପୋକ ମାରିବା ପାଇଁ ଘରେ ରଖାଯାଇଥିବା ବିଷ ପିଇ ଦେଇଥିଲେ। ପରିବାର ଲୋକେ ଏହା ଜାଣିପାରି ତାଙ୍କୁ ବୁଗୁଡ଼ା ମେଡିକାଲକୁ ଆଣିଥିଲେ ହେଁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।









# ପୌର ନିର୍ବାଚନ ଫଳାଫଳ

## ଉମରକୋଟ (ପୌର ପରିଷଦ)

| ୱାର୍ଡ ନମ୍ବର | ବିଜୟୀ ପ୍ରାର୍ଥୀ | ଦଳ |
|---|---|---|
| ୧. | ତପନ ଦେବନାଥ | ବିଜେଡି |
| ୨. | ଚିତ୍ତରଞ୍ଜନ ପାତ୍ର | ବିଜେଡି |
| ୩. | ମନୋଜ ନାୟକ | ବିଜେଡି |
| ୪. | ନିଲମ ହରିଜନ | ବିଜେଡି |
| ୫. | ସୁଧାଂଶୁ ଦାଶ | ବିଜେଡି |
| ୬. | ସଞ୍ଜୟ ସରକାର | ବିଜେଡି |
| ୭. | ନେତ୍ର ହରିଜନ | ବିଜେଡି |
| ୮. | ସରୋଜିନୀ ଶବର | କଂଗ୍ରେସ |
| ୯. | ଇତିଶ୍ରୀ ଦଳେଇ | ବିଜେଡି |
| ୧୦. | କନକଲତା ନାୟକ | ଭାଜପା |
| ୧୧. | ସାଇ ନାରାୟଣ ପାଢ଼ୀ | କଂଗ୍ରେସ |
| ୧୨. | ରେବାରାଣୀ ମଣ୍ଡଳ | ବିଜେଡି |
| ୧୩. | ଶିଖାରାଣୀ ସରକାର | ବିଜେଡି |
| ୧୪. | ଚିନ୍ମୟୀ ଠାକୁର | ବିଜେଡି |

## ରାୟଗଡ଼ା (ପୌର ପରିଷଦ)

| ୱାର୍ଡ ନମ୍ବର | ବିଜୟୀ ପ୍ରାର୍ଥୀ | ଦଳ |
|---|---|---|
| ୧ | ବାସନ୍ତୀ ବେହେରା | ବିଜେଡି |
| ୨ | ମମତା ମାଣ୍ଡାଙ୍ଗୀ | ବିଜେଡି |
| ୩ | ଶୁଭ୍ରା ପଣ୍ଡା | ବିଜେଡି |
| ୪ | ସୁକାନ୍ତ ପରିଡ଼ା | ବିଜେଡି |
| ୫ | ଶୁଣ୍ଡି ସୁମିତ | ବିଜେଡି |
| ୬ | କାଳୀଦାସ ମାଣ୍ଡାଙ୍ଗୀ | ବିଜେଡି |
| ୭ | ବର୍ଜ ଜଗନମୋହନ ରାଓ | ବିଜେଡି |
| ୮ | ମଞ୍ଜୁଳା ମିଣିଆକା | ଭାଜପା |
| ୯ | ଗୋପୀନାଥ ଗୌଡ଼ | ବିଜେଡି |
| ୧୦ | କମଳାକାନ୍ତ ମାଝି | ବିଜେଡି |
| ୧୧ | ସରୋଜିନୀ ଖୋସ୍ଲା | ବିଜେଡି |
| ୧୨ | ଏ. ବାଣିଶ୍ରୀ | ଭାଜପା |
| ୧୩ | ପ୍ରତିମା କୁମାରୀ ପାଣିଗ୍ରାହୀ | ବିଜେଡି |
| ୧୪ | ପାଲକୋଣ୍ଡା ମୋମିତା | ବିଜେଡି |
| ୧୫ | ସନ୍ତୋଷ କୁମାର ଦଳେଇ | ବିଜେଡି |
| ୧୬ | ଶ୍ରମିତା ପାଢ଼ୀ | ବିଜେଡି |
| ୧୭ | ଏମ୍. ଶ୍ରୀନିବାସ ରାଓ | ବିଜେଡି |
| ୧୮ | ବି. ରାମଣା | ବିଜେଡି |
| ୧୯ | ଆଧି କୁମାର ନାଚିକା | ବିଜେଡି |
| ୨୦ | ଏମ୍. ମାଙ୍ଗାକ୍ଷା | ବିଜେଡି |
| ୨୧ | ପି. ରୋଜା | ବିଜେଡି |
| ୨୨ | ପାରୁଚୁରି ରବି | ବିଜେଡି |
| ୨୩ | ଚିଟଲା ଗୌରୀ | ବିଜେଡି |
| ୨୪ | ରାଜୀବ ଖୋସ୍ଲା | କଂଗ୍ରେସ |

## ମାଲକାନଗିରି (ପୌର ପରିଷଦ)

| ୱାର୍ଡ ନମ୍ବର | ବିଜୟୀ ପ୍ରାର୍ଥୀ | ଦଳ |
|---|---|---|
| ୧ | ପେଣ୍ଡ୍ରାପ୍ରସାଦ ପଣ୍ଡା | ବିଜେଡି |
| ୨ | ପଦ୍ମିନୀ ନାୟକ | ବିଜେଡି |
| ୩ | ପୀତାମ୍ବର ସେଠୀ | ବିଜେଡି |
| ୪ | ଦିପ୍ତୀମୟୀ ବେହେରା | କଂଗ୍ରେସ |
| ୫ | ଦିପିକାରାଣୀ ପୂଜାରୀ | ବିଜେଡି |
| ୬ | ସଂଯୁକ୍ତା ଦାସ | ବିଜେଡି |
| ୭ | ଘାସିରାମ ଭଇଁସା | କଂଗ୍ରେସ |
| ୮ | ଜ୍ୟୋଛନାରାଣୀ ପଲେଇ | କଂଗ୍ରେସ |
| ୯ | ବତୀ ଜାନି | ବିଜେଡି |
| ୧୦ | ମୀନା କୁମାର | କଂଗ୍ରେସ |
| ୧୧ | କବିତା ମହାନ୍ତ | ବିଜେଡି |
| ୧୨ | ତରିମଲ ନାଏକ | ବିଜେଡି |
| ୧୩ | ଗଣେଶ କୁମାର ସା | ବିଜେଡି |
| ୧୪ | ଭାରତୀ ନାୟକ | ବିଜେଡି |
| ୧୫ | ବିକାଶ ଦାସ | ବିଜେଡି |
| ୧୬ | ରଜି ଆଲୁଲିଆ | ବିଜେଡି |
| ୧୭ | ରାଜୀବ ଲୋଚନ ଶିଶା | ବିଜେଡି |
| ୧୮ | ରୁଚି ଅନଟିଆ | କଂଗ୍ରେସ |
| ୧୯ | ସୁବ୍ରତ ମଜୁମଦାର | ବିଜେଡି |

## ବାଲିମେଳା (ଏନ୍ଏସି)

| ୱାର୍ଡ ନମ୍ବର | ବିଜୟୀ ପ୍ରାର୍ଥୀ | ଦଳ |
|---|---|---|
| ୧ | ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ | ବିଜେଡି |
| ୨ | ବିମଳ କୁମାର ପଟ୍ଟନାୟକ | ବିଜେପି |
| ୩ | ମନୋଜ ପାଙ୍ଗି | ବିଜେପି |
| ୪ | ଦେବେନ୍ଦ୍ର କୁମାର ଦାସ | ବିଜେଡି |
| ୫ | ସୁନିତା ଗୁରୁ | ବିଜେଡି |
| ୬ | ତୁଳାମଣି ଚାଚି | ବିଜେଡି |
| ୭ | ସସ୍ମିତା ବାଙ୍କା | ବିଜେଡି |
| ୮ | ସନ୍ତୋଷ କୁମାର ପଣ୍ଡା | ବିଜେଡି |
| ୯ | କୃଷ୍ଣ ବାଗ | ବିଜେପି |
| ୧୦ | ପୁଷ୍ପାଞ୍ଜଳି ଚାଲାଣ | ବିଜେପି |
| ୧୧ | ଜ୍ୟୋତିରାଣୀ ପଣ୍ଡା | ବିଜେଡି |
| ୧୨ | ମଙ୍ଗୁଳି ହିଆଲ | ବିଜେଡି |

## ନବରଙ୍ଗପୁର (ପୌର ପରିଷଦ)

| ୱାର୍ଡ ନମ୍ବର | ବିଜୟୀ ପ୍ରାର୍ଥୀ | ଦଳ |
|---|---|---|
| ୧. | ଗୀତାଞ୍ଜଳି ଯାଦବ | ସ୍ୱାଧୀନ |
| ୨. | ପୁରୁଷୋତ୍ତମ ହରିଜନ | ବିଜେଡି |
| ୩. | ମମତା ମହାରଣା | ଭାଜପା |
| ୪. | ଶର୍ମିଷ୍ଠା ଦେଓ | ଭାଜପା |
| ୫. | ଆଇ.ମୂରଲୀ କ୍ରିଷ୍ଣା | ସ୍ୱାଧୀନ |
| ୬. | ପି.କେଶବ ରାଜୁ | ବିଜେଡି |
| ୭. | ପି.ଉଷାରାଣୀ ରାଓ | ବିଜେଡି |
| ୮. | ସନ୍ତୋଷ ଜାନୀ | ବିଜେଡି |
| ୯. | ବିଷ୍ଣୁ ସୌରା | ବିଜେଡି |
| ୧୦. | ଏ.ସତିଶ | ଭାଜପା |
| ୧୧. | କୁମାରୀ ପୁନମ୍ ସାହୁ | ଭାଜପା |
| ୧୨. | ଏମ୍.ରାଜେଶ୍ୱରୀ | ବିଜେଡି |
| ୧୩. | ରଞ୍ଜିତା କୁମାରୀ ପଣ୍ଡା | ବିଜେଡି |
| ୧୪. | ନଗେନ୍ଦ୍ର ପ୍ରସାଦ ପଟ୍ଟନାୟକ | ବିଜେଡି |
| ୧୫. | ସମେଶ ଖରା | ଭାଜପା |
| ୧୬. | ଅମିତ ପ୍ରଧାନ | ଭାଜପା |
| ୧୭. | ସୌମ୍ୟା ମହାପାତ୍ର | ବିଜେଡି |

## ଗୁଣପୁର (ପୌର ପରିଷଦ)

| ୱାର୍ଡ ନମ୍ବର | ବିଜୟୀ ପ୍ରାର୍ଥୀ | ଦଳ |
|---|---|---|
| ୧ | ଦେବୀ ପ୍ରସାଦ ଆଚାର୍ଯ୍ୟ | ବିଜେଡି |
| ୨ | ମମତା ଶତପଥୀ | ବିଜେଡି |
| ୩ | ଏମ୍. ରାଧା | ବିଜେଡି |
| ୪ | ସବିତା ବାଉରି | ବିଜେଡି |
| ୫ | ଶାନ୍ତନୁ ରଥ | ବିଜେଡି |
| ୬ | ଶିବପ୍ରସାଦ ଗୌଡ଼ | ସ୍ୱାଧୀନ |
| ୭ | ନିରୁ ଶ୍ରୀରାମ | ବିଜେଡି |
| ୮ | ଡି. ପ୍ରଶାନ୍ତି | ସ୍ୱାଧୀନ |
| ୯ | ଶାନ୍ତି ବାଉରି | ସ୍ୱାଧୀନ |
| ୧୦ | ଦେବେନ୍ଦ୍ର ଶବର | ସ୍ୱାଧୀନ |
| ୧୧ | ଭାଗୀରଥି ବିଶୋୟୀ | ବିଜେଡି |
| ୧୨ | ସୁଲୋଚନା ପ୍ରଧାନ | ସ୍ୱାଧୀନ |
| ୧୩ | ପ୍ରମୋଦ କୁମାର ଦାସ | ସ୍ୱାଧୀନ |
| ୧୪ | ରଶ୍ମିତା କୁମାର ପଟ୍ଟନାୟକ | ସ୍ୱାଧୀନ |
| ୧୫ | ଲଳିତା ଶବର | ସ୍ୱାଧୀନ |
| ୧୬ | ଶିବ କୁମାର ପାଢ଼ୀ | ବିଜେଡି |
| ୧୭ | ରବି ଶବର | ସ୍ୱାଧୀନ |
| ୧୮ | ରଶ୍ମି ପାତ୍ର | ସ୍ୱାଧୀନ |
| ୧୯ | ଚେପାଲି ସରସ୍ୱତୀ | ସ୍ୱାଧୀନ |

## କୋରାପୁଟ (ପୌର ପରିଷଦ)

| ୱାର୍ଡ ନମ୍ବର | ବିଜୟୀ ପ୍ରାର୍ଥୀ | ଦଳ |
|---|---|---|
| ୧ | ମୁଧୁସୁଦନ ମାଝି | ବିଜେଡି |
| ୨ | ସବିତା ପଣ୍ଡା | ବିଜେଡି |
| ୩ | କାଦମ୍ବିନୀ ସେଠୀ | ବିଜେଡି |
| ୪ | ଗଣେଶ କୁମାର ଜାନି | ସ୍ୱାଧୀନ |
| ୫ | ଡି. ମହେଶ୍ୱର ରାଓ | ବିଜେଡି |
| ୬ | ସଂଧ୍ୟାରାଣୀ ଜେନା | କଂଗ୍ରେସ |
| ୭ | କେ. ଗୁପ୍ତେଶ୍ୱର | ବିଜେଡି |
| ୮ | ପଦ୍ମା ମୁଦୁଲି | ବିଜେଡି |
| ୯ | ପୁଣ୍ୟତୟା ଦୀପଶିଖା କୁଲୁ | ବିଜେଡି |
| ୧୦ | କମଳା ନାୟକ | ବିଜେଡି |
| ୧୧ | ରବି ପରଜା | ବିଜେଡି |
| ୧୨ | ପ୍ରଫୁଲ୍ଲ ମହାପାତ୍ର | ବିଜେଡି |
| ୧୩ | କୃଷ୍ଣ ଖେମୁଣ୍ଡ | ବିଜେଡି |
| ୧୪ | ଚନ୍ଦ୍ରପ୍ରଭା ହିଆଲ | କଂଗ୍ରେସ |
| ୧୫ | ଗୁରୁ ଜାନି | କଂଗ୍ରେସ |
| ୧୬ | ସୁଭଦ୍ରା ମୁଦୁଲି | ବିଜେଡି |
| ୧୭ | ମୁନି ମୁଦୁଲି | ବିଜେଡି |
| ୧୮ | ରଶ୍ମିତା କୁମାରୀ ନାୟକ | ସ୍ୱାଧୀନ |
| ୧୯ | ପୁଷ୍ପା ମୁଦୁଲି | କଂଗ୍ରେସ |
| ୨୦ | ଲିଆ ପ୍ରଧାନ | ବିଜେଡି |
| ୨୧ | ତୁଳା ସୁନା | ବିଜେଡି |

## ଗୁଡ଼ାରି (ଏନ୍ଏସି)

| ୱାର୍ଡ ନମ୍ବର | ବିଜୟୀ ପ୍ରାର୍ଥୀ | ଦଳ |
|---|---|---|
| ୧ | ମମତା ବାଉରି | ବିଜେଡି |
| ୨ | ବି.ଯୋଗେଶ୍ୱର ରାଓ | ବିଜେଡି |
| ୩ | ପି.ତିରୁମାଳା ଦେବୀ | ବିଜେଡି |
| ୪ | ପଦ୍ମନ ଗୌଡ଼ | ବିଜେଡି |
| ୫ | ସୁଦର୍ଶନ ନାୟକ | ବିଜେଡି |
| ୬ | ରୁନୁ ପାତ୍ର | ବିଜେଡି |
| ୭ | ଛବି ପାଣି | ବିଜେଡି |
| ୮ | ଉର୍ମିଳା ଶବର | ବିଜେଡି |
| ୯ | ସଇଁତାରି କଣ୍ଡାଗୋରୀ | ବିଜେଡି |
| ୧୦ | ରବୀନ୍ଦ୍ରନାଥ ପାତ୍ର | ବିଜେଡି |
| ୧୧ | ଚୈତନ୍ୟ ବିରଦଲେଇ | ବିଜେଡି |

# ସରୁନି ସାବେରି ବ୍ରିଜ୍ ନିର୍ମାଣ

ଏମ୍ଭି ୭୯,୨୬।୩(ଡି.ଏନ.ଏ.)


ନିର୍ମାଣାଧୀନ ବ୍ରିଜ୍।

- ଡଙ୍ଗାରେ ଜୀବନକୁ ବାଜି ଲଗାଇ ପାର ହେଉଛନ୍ତି ଲୋକେ
- ରାଞ୍ଚି-ବିଜୟୱାଡାକୁ ସଂଯୋଗ କରୁଛି ଏହି ବ୍ରିଜ୍
- ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବାକୁ ଦାବି

ମାଲକାନଗିରି ଜିଲା ସୀମାନ୍ତ ମୋଟୁଠାରେ ସାବେରୀ ନଦୀ ଉପରେ ଚାଲିଥିବା ବ୍ରିଜ୍ ନିର୍ମାଣ କାର୍ଯ୍ୟ ସରୁନାହିଁ। ନଦୀର ଉପର ମୁଣ୍ଡରେ ଚାଲିଥିବା ଏହି ବ୍ରିଜ୍ ନିର୍ମାଣକୁ ଇତିମଧ୍ୟରେ ୫ବର୍ଷ ବିତିଯାଇଛି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଏବଂ ଠିକା କମ୍ପାନୀର ମନମୁଖି କାର୍ଯ୍ୟ ବ୍ରିଜ୍ ନିର୍ମାଣକୁ ଶେଷ କରିପାରିନାହିଁ। ଲୋକମାନେ ଜୀବନକୁ ବାଜି ଲଗାଇ ନଦୀପାର ହୋଇ ଯାତାୟାତ କରୁଛନ୍ତି। ଅନେକ ଥର ଭରା ନଦୀରେ ଡଙ୍ଗା ବୁଡ଼ି ବହୁ ଜୀବନ ଯାଇଥିବା ନଜିର ମଧ୍ୟ ଏଠାରେ ରହିଛି। ମାଲକାନଗିରି ଜିଲା ସୀମାନ୍ତ ମୋଟୁଠାରେ ପ୍ରବାହିତ ହେଉଛି ସିଲେରୁ ଓ ସାବେରୀ ନଦୀ। ବର୍ଷ ତମାମ ଏହି ନଦୀରେ ଜଳ ଥାଏ। ଏହି ଦୁଇ ନଦୀ ଦେଇ ମାଲକାନଗିରି ଜିଲା ଲୋକେ ଓ ଅନ୍ୟ ଜିଲାର ଲୋକେ ଯାତାୟାତ କରିଥାନ୍ତି। ସାବେରୀ ନଦୀର ଉପରମୁଣ୍ଡରେ ନିର୍ମାଣ ଚାଲିଥିବା ବ୍ରିଜ୍.ରାଞ୍ଚି-ବିଜୟୱାଡାକୁ ସଂଯୋଗ କରୁଛି। ମାଲକାନଗିରିରୁ ପ୍ରତିଦିନ ରାଞ୍ଚି-ବିଜୟୱାଡାକୁ ବସ୍ ଯାତାୟାତ କରିଥାଏ। ତେବେ ବ୍ରିଜ୍ ନିର୍ମାଣ ସମ୍ପୂର୍ଣ୍ଣ ନ ହେଉ ନ ଥିବାରୁ ମୋଟୁଠାରୁ ଅନ୍ୟ ପଥ ଦେଇ ଗଲେ ଛତିଶଗଡ଼ ୩୦ କି.ମି. ପଡ଼େ। ବ୍ରିଜ୍ ଦେଇ ଯାତାୟାତ କଲେ ୧ କି.ମି. ପଡ଼ିଥାଏ। ମାଓବାଦୀ ଅଧ୍ୟୁଷିତ ମାଲକାନଗିରି ଜିଲାକୁ ରାଞ୍ଚି-ବିଜୟୱାଡା ଓ ହାଇଦ୍ରାବାଦ ସହ ଯୋଡ଼ିବା ପାଇଁ ଏହି ବ୍ରିଜ୍ ନିର୍ମାଣ ଚାଲିଛି। ୫ବର୍ଷ ହେଲା ଏହାର ନିର୍ମାଣ ଶେଷ ହୋଇପାରୁ ନ ଥିବାରୁ ଏନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏହାର ନିର୍ମାଣ କାର୍ଯ୍ୟ ସାରିବାକୁ ସାଧାରଣରେ ଦାବି ହେଉଛି।

# ଡ୍ରାଇଭରମାନଙ୍କୁ ସୁରକ୍ଷା ଦାବି

ଗୁଡ଼ାରି,୨୬।୩(ଡି.ଏନ୍.ଏ.)-

### ଗୁଡାରି ଡ୍ରାଇଭର ମହାସଂଘର ବୈଠକ



ରାୟଗଡ଼ା ଜିଲା ଗୁଡ଼ାରି ଡ୍ରାଇଭର ମହାସଂଘ ପକ୍ଷରୁ ଶନିବାର ସ୍ଥାନୀୟ ତୁମୁବୁଲ ପାଡୁଆମ୍ଭ ତୋଟାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡ୍ରାଇଭରମାନେ ୟୁନିଫର୍ମରେ ଶୋଭାଯାତ୍ରାରେ ବାହାରି ବୈଠକ ସ୍ଥଳରେ ପହଞ୍ଚିଥିଲେ। ସଂଘର ସଭାପତି ଅଶୋକ ଗୌଡ଼ଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ଡ୍ରାଇଭରମାନଙ୍କ ସୁରକ୍ଷା, ସରକାରୀ କାର୍ଯ୍ୟରେ ନିୟୋଜିତ ସମୟରେ ଖାଦ୍ୟ ବ୍ୟବସ୍ଥା ସହ ଅନ୍ୟ ସରକାରୀ କର୍ମଚାରୀ ପାଉଥିବା ସୁବିଧା ପ୍ରଦାନ କରିବା ଦାବି ନେଇ ଆଲୋଚନା ହୋଇଥିଲା। ଆସନ୍ତା ସପ୍ତାହରେ ଜିଲାସ୍ତରୀୟ ବୈଠକରେ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିବା ନିମନ୍ତେ ସ୍ଥିର ହୋଇଛି। ଡ୍ରାଇଭରମାନଙ୍କୁ ସୁରକ୍ଷା ଦେବା ନିମନ୍ତେ ସରକାରଙ୍କୁ ଅନୁରୋଧ କରାଯାଇଥିବା ମହାସଂଘର ସଭାପତି ଅଶୋକ ଗୌଡ଼ କହିଛନ୍ତି। ବୈଠକରେ ଶତାଧିକ ଡ୍ରାଇଭର ଉପସ୍ଥିତ ଥିଲେ।

## କୋଟପାଡ଼ (ଏନ୍ଏସି)

| ୱାର୍ଡ ନମ୍ବର | ବିଜୟୀ ପ୍ରାର୍ଥୀ | ଦଳ |
|---|---|---|
| ୧ | ପରମେଶ୍ୱରୀ ବେହେରା | ବିଜେଡି |
| ୨ | ଏମ୍.ସନ୍ତୋଷୀ | ସ୍ୱାଧୀନ |
| ୩ | ରାମଚନ୍ଦ୍ର ନାୟକ | ଭାଜପା |
| ୪ | ହିମାଦ୍ରୀ ନାୟକ | ଭାଜପା |
| ୫ | ଅଶୋକ ମଲ୍ଲିକ | ବିଜେଡି |
| ୬ | ସୁମିତ୍ରା କାଉଣ୍ଡାରକାରିଆ | ବିଜେଡି |
| ୭ | ପ୍ରଶାନ୍ତ ମାଝି | କଂଗ୍ରେସ |
| ୮ | ସାଲିମା ବେଗମ | କଂଗ୍ରେସ |
| ୯ | ଶାନ୍ତିଲତା ସମ୍ରାଟ | କଂଗ୍ରେସ |
| ୧୦ | ଶୟଦ ୟୁସୁଫ୍ | କଂଗ୍ରେସ |
| ୧୧ | ସାବିତ୍ରୀ ଗଣ୍ଡା | କଂଗ୍ରେସ |
| ୧୨ | ଗୌର ମାଝି | ଭାଜପା |
| ୧୩ | ବିନୋଦ ବିଷୋୟୀ | କଂଗ୍ରେସ |

## ଜୟପୁର (ପୌର ପରିଷଦ)

| ୱାର୍ଡ ନମ୍ବର | ବିଜୟୀ ପ୍ରାର୍ଥୀ | ଦଳ |
|---|---|---|
| ୧ | ଗୋପୀନାଥ ମହାନ୍ତି | କଂଗ୍ରେସ |
| ୨ | ଅଜିତ ବେହେରା | ବିଜେଡି |
| ୩ | ପ୍ରାର୍ଥ ସାରଥୀ ମଲ୍ଲିକ | ବିଜେଡି |
| ୪ | ମଧୁସ୍ମିତା ଓରନ | କଂଗ୍ରେସ |
| ୫ | ପ୍ରଣବ କିଶୋର ନାୟକ | କଂଗ୍ରେସ |
| ୬ | ପ୍ରତିତି ଗୌଡ | କଂଗ୍ରେସ |
| ୭ | ଗାୟତ୍ରୀ ଖରା | କଂଗ୍ରେସ |
| ୮ | ଦେବେନ୍ଦ୍ର ଚୌଧୁରୀ | ବିଜେଡି |
| ୯ | ଅନିତା କୁମାରୀ ରାୟ | ବିଜେଡି |
| ୧୦ | ଉର୍ମିଳା ମହାଙ୍କୁଡ | ବିଜେଡି |
| ୧୧ | ପି.ରାମଲକ୍ଷ୍ମୀ | କଂଗ୍ରେସ |
| ୧୨ | ପି.ପଦ୍ମାବତୀ | ବିଜେଡି |
| ୧୩ | ସ୍ମିତା ବେହେରା | କଂଗ୍ରେସ |
| ୧୪ | ବି. ସୁନିତା | ବିଜେଡି |
| ୧୫ | ଦେବଶ୍ରୀ ନାୟକ | ସ୍ୱାଧୀନ |
| ୧୬ | ଧନିମା ହରିଜନ | କଂଗ୍ରେସ |
| ୧୭ | ସିମାଞ୍ଚଳ ବିଶୋୟୀ | ବିଜେଡି |
| ୧୮ | ଏ.ଭଦ୍ରାବେଣି | ବିଜେଡି |
| ୧୯ | ଏନ.ଲକ୍ଷ୍ମୀ ନାରାୟଣ | ବିଜେଡି |
| ୨୦ | ଶଶୀରେଖା ପରଜା | ବିଜେଡି |
| ୨୧ | ସୁଷମା ମହାପାତ୍ର | ବିଜେଡି |
| ୨୨ | ବି. ବିଷ୍ଣୁ ବର୍ଦ୍ଧନ ରେଡ୍ଡି | ବିଜେଡି |
| ୨୩ | ଅର୍ପିତା ଷଡଙ୍ଗୀ | ବିଜେଡି |
| ୨୪ | ରବିନ୍ଦ୍ର ସାହୁ | କଂଗ୍ରେସ |
| ୨୫ | ଶାନ୍ତି ନାୟକ | କଂଗ୍ରେସ |
| ୨୬ | ଉଷାରାଣୀ ଦଣ୍ଡସେନା | କଂଗ୍ରେସ |
| ୨୭ | ମମତା ବିଶ୍ୱାଳ | କଂଗ୍ରେସ |
| ୨୮ | ଯଶପାଲ ସିଂ | ବିଜେଡି |

# ଖାତା ଖୋଲିପାରିଲାନି କଂଗ୍ରେସ

## ନବରଙ୍ଗପୁର ପୌର ପରିଷଦ ନିର୍ବାଚନ

ନବରଙ୍ଗପୁର, ୨୬।୩(ବି.ପ୍ର.)-

ନବରଙ୍ଗପୁର ପୌର ନିର୍ବାଚନର ଫଳାଫଳ ଶନିବାର ପ୍ରକାଶ ପାଇଛି। ଏଠାରେ ମିଶ୍ରିତ ଫଳ ମିଳିଛି। ୧୭ ୱାର୍ଡରୁ ୯ଟିରେ ବିଜେଡି ବିଜୟୀ ହୋଇଛି। ଭାଜପାକୁ ୬ଟି ଓ ସ୍ୱାଧୀନ ପ୍ରାର୍ଥୀ ୨ଟି ୱାର୍ଡରେ ବିଜୟୀ ହୋଇଛନ୍ତି। ପ୍ରଥମ ଥର ପାଇଁ ଚଳିତ ପୌର ନିର୍ବାଚନରେ ପୌରାଧ୍ୟକ୍ଷଙ୍କ ପାଇଁ ଭୋଟର ସିଧାସଳଖ ଭୋଟ ଦେଇଥିଲେ। ଏଥିରେ ଭାଜପା ପ୍ରାର୍ଥୀ କୁନୁ ନାୟକ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ଭୀମ ହରିଜନଙ୍କୁ ୨ହଜାର ଭୋଟରେ ହରାଇଛନ୍ତି। ନବରଙ୍ଗପୁର ପୌର ନିର୍ବାଚନରେ କଂଗ୍ରେସର ହାତ କିନ୍ତୁ ଖାଲି। କଂଗ୍ରେସର ଜଣେ ବି କାଉନ୍ସିଲର ଚଳିତ ପୌର ନିର୍ବାଚନରେ ଜିତିନାହାନ୍ତି। କଂଗ୍ରେସ ମାତ୍ର ୭ଟି ୱାର୍ଡରେ ପ୍ରାର୍ଥୀ ଦେଇଥିଲା। ୧୦ଟି ୱାର୍ଡ ଯଥା ୧,୨, ୫,୬, ୭, ୮, ୯, ୧୦, ୧୩ ଓ ୧୭ ନମ୍ବର ୱାର୍ଡରେ କଂଗ୍ରେସ ପ୍ରାର୍ଥୀ ନ ଥିଲେ। ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ ଜନମତକୁ ସମର୍ଥନ ଜଣାଇଛନ୍ତି। ଗଣତନ୍ତ୍ର ରାଷ୍ଟ୍ରରେ ମତଦାନ ହେଉଛି ସବୁଠାରୁ ବଡ଼ କଥା। କଂଗ୍ରେସର ଯେଉଁ ଖରାପ ପରିସ୍ଥିତି ରହିଛି ତାହା ସୁଧାରିବାପାଇଁ ନୂଆ ସମୀକରଣ କରାଯିବ ବୋଲି ସେ କହିଛନ୍ତି।

# ବିବୁଧ ସଭାପତି, ଦେବୀ ପ୍ରସାଦ ସମ୍ପାଦକ

## ରାୟଗଡ଼ା ଓକିଲ ସଂଘ ନିର୍ବାଚନ



ରାୟଗଡ଼ା ଅଫିସ,୨୬।୩

ରାୟଗଡ଼ା ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ରୂପେ ବିବୁଧ କୁମାର ପ୍ରଧାନ ଏବଂ ଉପ ସଭାପତି ରୂପେ ଦେବୀ ପ୍ରସାଦ ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି। ମଙ୍ଗଳମୂର୍ତ୍ତି ବେଉରିଆ ସମ୍ପାଦକ ଏବଂ ମଣିପାଲି ସୁଜାତା ସହ ସମ୍ପାଦିକା ରୂପେ ନିର୍ବାଚିତ ହୋଇଛନ୍ତି। ସେହିପରି ବ୍ରଜ କିଶୋର ରାଜଗୁରୁ କୋଷାଧ୍ୟକ୍ଷ ରୂପେ ନିର୍ଦ୍ଵନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ରୂପେ ଓକିଲ ଜଗଦୀଶ ପଣ୍ଡା, ସହ ନିର୍ବାଚନ ଅଧିକାରୀ ରୂପେ ସୁନୀଲ କୁମାର ନାୟକ, ରମେଶ କୁମାର ପାଢ଼ୀ(ବୁନୁ ), ଅରୁଣ କୁମାର ପାଣିଗ୍ରାହୀ ନିର୍ବାଚନ ପରିଚାଳନା କରିଥିଲେ।

